1959
ଏପ୍ରିଲ 21

# ଅନ୍ଧେରୀ ମାରୋଲ୍ କୁର୍ଲା ବସ୍ ସେବା ଏବଂ ଅନ୍ୟମାନେ

ବନାମ

ବମ୍ବେ ରାଜ୍ୟ

(ଜାଫର ଇମାମ ଏବଂ ଜେ. ଏଲ. କପୁର, ନ୍ୟାୟମୂର୍ତ୍ତିବୃନ୍ଦ)

*ଶିଳ୍ପ ବିବାଦ-ମିଳାମିଶା କାର୍ଯ୍ୟାନୁଷ୍ଠାନ - ବିଚାରାଧୀନ -14 ଦିନର ଅବଧି ଶେଷ ହେବା ପରେ ସମାପ୍ତ ହେବ କି - ଶିଳ୍ପ ବିବାଦ ଅଧିନିୟମ, 1947 (XIV/1947) ଧାରା 12 (6), 20 (2), 31 (1) ଏବଂ 33 (1) ।*

ଆବେଦନକାରୀ 1 ଏବଂ ଏହାର ଶ୍ରମିକମାନଙ୍କ ମଧ୍ୟରେ କେତେକ ବିବାଦ ସମ୍ବନ୍ଧରେ 1952 ମସିହା ଜାନୁଆରୀ ମାସରେ ଆପୋଷ ମିଳାମିଶା କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା । ମେ 9,1952 ରେ, ସଂଘ ଏବଂ ଜୁନ୍ 2,1952 ରେ, ଆବେଦନକାରୀ 1 ମିଳାମିଶା ଅଧିକାରୀଙ୍କୁ ସୂଚିତ କରିଥିଲେ ଯେ ମିଳାମିଶାମୂଳକ ଆଲୋଚନାଗୁଡିକ ବିଫଳ ହୋଇଥିଲା । ଇତି ମଧ୍ୟରେ ମାର୍ଚ୍ଚ 18,1952 ରେ, ଆବେଦନକାରୀ 1 ଏହାର ଜଣେ ଶ୍ରମିକଙ୍କୁ ବରଖାସ୍ତ କରିଥିଲେ । ଦୁଇ ଜଣ ଆବେଦନକାରୀ ଏବଂ ଅନ୍ୟ ତିନିଜଣଙ୍କୁ ଶିଳ୍ପ ବିବାଦ ଅଧିନିୟମ, 1947ର ଧାରା 31 ଅନୁଯାୟୀ, ଆପୋଷ ମିଳାମିଶା କାର୍ଯ୍ୟାନୁଷ୍ଠାନ ବିଚାରଧୀନତା ସମୟରେ ଜଣେ ଶ୍ରମିକଙ୍କୁ ବରଖାସ୍ତ କରିଥିବାରୁ ଧାରା 33ର ଭଙ୍ଗ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ଆବେଦନକାରୀମାନେ ଯୁକ୍ତି କରିଥିଲେ ଯେ, ଧାରା 12(6) ଅନୁଯାୟୀ, ଆପୋଷ ମିଳାମିଶା କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବାର 14ଦିନ ମଧ୍ୟରେ ବିବୃତି ଦାଖଲ କରିବାକୁ ବାଧ୍ୟତାମୂଳକ କରାଯାଇଥିଲା, ଏବଂ ଏହି 14ଦିନ ଶେଷ ହେବା ପରେ ଏହି କାର୍ଯ୍ୟାନୁଷ୍ଠାନ ସମାପ୍ତ ହୋଇଥିଲା ଏବଂ ଏହି କାରଣରୁ ଆପୋଷ ମିଳାମିଶା କାର୍ଯ୍ୟାନୁଷ୍ଠାନ ବିଚାରଧିନ ଥିବା ସମୟରେ ଏହି ବହିଷ୍କାର ହୋଇନଥିଲା ।

ନିର୍ଣ୍ଣୟ ହୋଇଥିଲା ଯେ, ଯେଉଁ ମାମଲାରେ ଆପୋଷ ମିଳାମିଶା କାର୍ଯ୍ୟାନୁଷ୍ଠାନରେ କୌଣସି ସମାଧାନର ହୋଇନଥାଏ, ସେହି ମାମଲାରେ ମିଳାମିଶା ଅଧିକାରୀଙ୍କ ବିବୃତି ଉପଯୁକ୍ତ ସରକାରଙ୍କୁ ପ୍ରାପ୍ତ ହେବା ମାତ୍ରେ ସମାଧାନ କାର୍ଯ୍ୟାନୁଷ୍ଠାନ ଶେଷ ହୋଇଥାଏ ଏବଂ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବାର 14 ଦିନ ପରେ ନୁହେଁ । ଆପୋଷ ମିଳାମିଶା କାର୍ଯ୍ୟାନୁଷ୍ଠାନର ଆରମ୍ଭ ଏବଂ ସମାପ୍ତି ଧାରା 12 (6) ଦ୍ୱାରା ନୁହେଁ ବରଂ ଧାରା 20 ଦ୍ୱାରା ନିର୍ଦ୍ଧାରିତ ହୋଇଥିଲା । ଶ୍ରମିକଙ୍କୁ

ମିଳାମିଶା କାର୍ଯ୍ୟାନୁଷ୍ଠାନର ବିଚାରଧୀନତା ସମୟରେ ବରଖାସ୍ତ କରାଯାଇଥିଲା ଏବଂ ଆବେଦନକାରୀମାନେ ଅଧିନିୟମ 31 (1) ଅନୁଯାୟୀ ଦୋଷୀ ହୋଇଥିଲେ ।

*କୋଇଲାଖଣି ଶିଳ୍ପର ଶ୍ରମିକମାନେ, ଧାନବାଦ ବନାମ କୋଇଲାଖଣି ଶିଳ୍ପର ପରିଚାଳନା, [1953] S.C.R. 428; କୋଇଲାଖଣି ମଜଦୁର କଂଗ୍ରେସ, ଆସାନସୋଲ ବନାମ ନୂଆ ବିୟରବଭୁମ କୋଇଲା କମ୍ପାନୀ ଲିମିଟେଡ୍, 1952 L.A.C. 219, ଲାଗୁ କରାଗଲା ।*

ଅପରାଧିକ ଆବେଦନ ଅଧିକାରିତା : ଅପରାଧିକ ଆବେଦନ ସଂଖ୍ୟା 46/1957 ।

ମାମଲା ସଂଖ୍ୟା 176/S/1953ରେ ବମ୍ବେ ମୁଖ୍ୟ ସଭାପତିତ୍ୱ ଦଣ୍ଡାଧିକାରୀଙ୍କର 1954 ମସିହା ଜୁନ 19ତାରିଖରେ ରାୟ ଓ ଆଦେଶରୁ ଉତ୍ପନ୍ନ ହୋଇଥିବା ଅପରାଧିକ ଆବେଦନ ସଂଖ୍ୟା। 1256/1954ରେ ବମ୍ବେ ଉଚ୍ଚ ନ୍ୟାୟଳୟର 1955 ମସିହା ଫେବୃଆରୀ 4 ତାରିଖରେ ରାୟ ଓ ଆଦେଶରୁ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ।

ଆବେଦନକାରୀଙ୍କ ପକ୍ଷରୁ *ହରଦୟାଲ ହାର୍ଡି* ।

ଉତ୍ତରଦାତାଙ୍କ ପକ୍ଷରୁ *ଏଚ୍. ଜେ. ଉମ୍ରିଗର* ଏବଂ *ଆର୍. ଏଚ୍. ଢେବର* ।

1959ମସିହା ଏପ୍ରିଲ 21 । ନ୍ୟାୟଳୟର ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟମୂର୍ତ୍ତି କପୁର

ନ୍ୟାୟମୂର୍ତ୍ତି କପୁରଙ୍କ ଦ୍ୱାରା - ବମ୍ବେ ଉଚ୍ଚ ନ୍ୟାୟାଳୟର ରାୟ ଏବଂ ଆଦେଶ ବିରୁଦ୍ଧରେ ବିଶେଷ ଅନୁମତି ଦ୍ୱାରା ଏକ ଆବେଦନ ଯାହା ବମ୍ବେ ମୁଖ୍ୟ ପ୍ରେସିଡେନ୍ସି ମାଜିଷ୍ଟ୍ରେଟଙ୍କ ରାୟକୁ ଓଲଟାଇ ଦେଇଛି ଏବଂ ଏହିପରି ଶିଳ୍ପ ବିବାଦ ଅଧିନିୟମ (XIV/1947) (ଏହାପରେ ଏହି ଅଧିନିୟମ କୁହାଗଲା)ର ଧାରା 31(1) ସହ ଧାରା 33(1) ଅନୁଯାୟୀ ଅଭିଯୁକ୍ତ ସଂଖ୍ୟା 1 ଏବଂ 5ଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି ଏବଂ ଅଭିଯୁକ୍ତ ସଂଖ୍ୟା 1 ଙ୍କୁ 250 ଟଙ୍କା ଓ ଅଭିଯୁକ୍ତ ସଂଖ୍ୟା 5 କୁ 50 ଟଙ୍କା ଜୋରିମାନା କରାଯାଇଛି ।

ଆବେଦନକାରୀମାନେ ହେଉଛନ୍ତି ଅନ୍ଧେରୀ ମାରୋଲ କୁର୍ଲା ବସ୍ ସେବା ଯିଏ ଅଭିଯୁକ୍ତ ସଂଖ୍ୟା 1 (ବର୍ତ୍ତମାନ ଆବେଦନକାରୀ ସଂଖ୍ୟା 1) ଏବଂ ଏହାର ମ୍ୟାନେଜର ଏଚ୍. ଏମ୍. ଖାନ୍ ଯିଏ ଅଭିଯୁକ୍ତ ସଂଖ୍ୟା 5 (ବର୍ତ୍ତମାନ ଆବେଦନକାରୀ ସଂଖ୍ୟା 2) ଥିଲେ । ଆବେଦନକାରୀ ସଂଖ୍ୟା 1 ଏବଂ ଏହାର ଶ୍ରମିକମାନଙ୍କ ମଧ୍ୟରେ କିଛି ବିବାଦ ସୃଷ୍ଟି ହୋଇଥିଲା । ଡିସେମ୍ବର 13,1951ରେ, ମିଳାମିଶା ଅଧିକାରୀ ଆବେଦନକାରୀ ସଂଖ୍ୟା 1 କୁ ଚିଠି ଲେଖିଥିଲେ ଏବଂ

ଅଗଷ୍ଟ 9,1951ରେ ଥିବା ସଂଘର ଦାବିଗୁଡିକ ସଂଲଗ୍ନ କରିଥିଲେ । 31 ଡିସେମ୍ବର 1951ରେ ଆବେଦନକାରୀ ସଂଖ୍ୟା 1ଙ୍କୁ 9 ଜାନୁଆରୀ 1952ରେ ମିଳାମିଶା ଅଧିକାରୀଙ୍କ ସମ୍ମୁଖରେ ହାଜର ହେବାକୁ କୁହାଯାଇଥିଲା, ଏବଂ ଗୋଟିଏ ମୁଲତବି ପାଇବା ପରେ ଆବେଦନକାରୀ ସଂଖ୍ୟା 1, 17 ଜାନୁଆରୀ 1952ରେ ମିଳାମିଶା ଅଧିକାରୀଙ୍କ ସମ୍ମୁଖରେ ହାଜର ହୋଇଥିଲେ ଏବଂ ନିଜର ଲିଖିତ ବିବୃତ୍ତି ଦାଖଲ କରିଥିଲେ ଏବଂ ବିଭିନ୍ନ ଆପତ୍ତି ଉଠାଇଥିଲେ । ପରବର୍ତ୍ତୀ ଶୁଣାଣି ତାରିଖ ଥିଲା ଜାନୁଆରୀ 31,1952, ଏବଂ କାର୍ଯ୍ୟାନୁଷ୍ଠାନ ଜୁନ୍ 2,1952 ପର୍ଯ୍ୟନ୍ତ ଚାଲିଥିଲା, ଯେତେବେଳେ ଆବେଦନକାରୀ ସଂଖ୍ୟା 1 ମିଳାମିଶା ଅଧିକାରୀଙ୍କୁ ଚିଠି ଲେଖି କହିଥିଲେ ଯେ ଆଉ କୌଣସି ବୈଠକ କରିବା ଦ୍ୱାରା କୌଣସି ଉପଯୋଗୀ ଉଦ୍ଦେଶ୍ୟ ପୂରଣ ହେବ ନାହିଁ । ମେ 9,1952 ରେ, ସଂଘ ମଧ୍ୟ ମିଳାମିଶା ଅଧିକାରୀଙ୍କୁ ସଙ୍କେତ ଦେଇଥିଲା ଯେ ଆଲୋଚନା ବିଫଳ ହୋଇଥିଲା । ମାର୍ଚ୍ଚ 18,1952 ରେ, ଆବେଦନକାରୀ ବସ୍ କଣ୍ଡକ୍ଟର ଲୁଇସ୍ ପେରେରାଙ୍କୁ ବରଖାସ୍ତ କରିଥିଲେ ଏବଂ ଅଧିନିୟମର ଧାରା 33 ସହିତ ଧାରା 31 ଅନୁଯାୟୀ ଶ୍ରମ ସହାୟକ ଆୟୁକ୍ତଙ୍କ ଦ୍ୱାରା 5 ଅଭିଯୁକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୁଇ ଆବେଦନକାରୀ ଏବଂ ଆବେଦନକାରୀ ସଂଖ୍ୟା 1ର ଭାଗୀଦାର ଏକ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ମୁଖ୍ୟ ପ୍ରେସିଡେନ୍ସି ମାଜିଷ୍ଟ୍ରେଟ ଆବେଦନକାରୀଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ ଏବଂ ନିର୍ଣ୍ଣୟ କରିଥିଲେ ଯେ 1952 ମସିହା ଜାନୁଆରୀ 17 ତାରିଖ ଠାରୁ 14 ଦିନରୁ ଅଧିକ ସମୟ ଧରି ମିଳାମିଶା କାର୍ଯ୍ୟାନୁଷ୍ଠାନ ଜାରି ରହିଥିବାରୁ, ଆପୋଷ ମିଳାମିଶା ପାଇଁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ବେଆଇନ ଥିଲା ଏବଂ ତେଣୁ ଅଭିଯୁକ୍ତମାନଙ୍କୁ ଅଧିନିୟମ 31 (1) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇପାରିଲାନାହିଁ । ରାଜ୍ୟ, ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ ଦାୟର କରିଥିଲା ଏବଂ ଦୋଷ ମୁକ୍ତି ହେବାର ରାୟକୁ ଓଲଟାଇ ଦିଆଯାଇଥିଲା ଏବଂ ଅଭିଯୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଦୁଇ ଜଣ ଆବେଦନକାରୀ ଦୋଷୀ ସାବ୍ୟସ୍ତ ହୋଇଥିଲେ ଏବଂ ଅନ୍ୟମାନଙ୍କୁ ଦୋଷ ମୁକ୍ତି କରାଯାଇଥିଲା । ଏହି ଦୁଇ ଆବେଦନକାରୀ ବିଶେଷ ଅନୁମତି ଦ୍ୱାରା ଆବେଦନ କରିଛନ୍ତି ।

ନିର୍ଣ୍ଣୟ ପାଇଁ ପ୍ରଶ୍ନ ହେଉଛି ଲୁଇସ୍ ପେରେରା ବରଖାସ୍ତ ହେବା ସମୟରେ ଆପୋଷ ମିଳାମିଶା କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ବୋଲି କୁହାଯାଇପାରିବ କି । ଯଦି ଉତ୍ତରଟି ସକାରାତ୍ମକ ହୋଇଥାଏ, ତେବେ ଆବେଦନକାରୀମାନଙ୍କୁ ଯଥାର୍ଥ ଭାବେ ଦୋଷୀ ସାବ୍ୟସ୍ତ କରାଯାଇଛି ଏବଂ ଯଦି ନୁହେଁ, ତେବେ ଦଣ୍ଡାଦେଶକୁ ବାତିଲ କରିବା କରାଯିବା ଆବଶ୍ୟକ । ଧାରା 31 (1) ଆଇନର ଧାରା 33ର ବ୍ୟବସ୍ଥାର ଉଲ୍ଲଂଘନକୁ ଏକ ଅପରାଧ ଭାବେ ବିବେଚନା କରେ,

ଯେଉଁଥିପାଇଁ ଛଅ ମାସ ପର୍ଯ୍ୟନ୍ତ କାରାଦଣ୍ଡ କିମ୍ବା ଜୋରିମାନା କିମ୍ବା ଉଭୟ ଦଣ୍ଡବିଧାନ କରାଯାଇପାରିବ । ଧାରା 33(1)ରେ ଉଲ୍ଲେଖ ରହିଛି :

ଧାରା 33 (1) "କୌଣସି ଶିଳ୍ପ ବିବାଦ ସମ୍ବନ୍ଧରେ କୌଣସି ମିଳାମିଶା ଅଧିକାରୀ କିମ୍ବା ମଣ୍ଡଳୀ କିମ୍ବା ଶ୍ରମ ଅଦାଲତ କିମ୍ବା ନ୍ୟାୟାଧିକରଣ କିମ୍ବା ଜାତୀୟ ନ୍ୟାୟାଧିକରଣ ସମ୍ମୁଖରେ କୌଣସି ଆପୋଷ ମିଳାମିଶା  କାର୍ଯ୍ୟାନୁଷ୍ଠାନ ବିଚାରଧୀନତା ସମୟରେ, କୌଣସି ନିୟୋଜକ ନିମ୍ନଲିଖିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ:-

(a) ବିବାଦ ସହିତ ଜଡ଼ିତ କୌଣସି ବିଷୟ ସମ୍ବନ୍ଧରେ, ଏହିପରି ବିବାଦରେ ସଂପୃକ୍ତ ଶ୍ରମିକମାନଙ୍କର ପ୍ରତିକୂଳ ପ୍ରଭାବକୁ, ସେପରି କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବା ପୂର୍ବରୁ ତୁରନ୍ତ ସେମାନଙ୍କ ପାଇଁ ପ୍ରଯୋଜ୍ୟ ସେବା ସର୍ତ୍ତାବଳୀକୁ ପରିବର୍ତ୍ତନ କରିବେ; କିମ୍ବା

(b) ନିର୍ବାହ କରିବେ କିମ୍ବା ଦଣ୍ଡ ଦେଇପାରିବେ ପରି ବିବାଦରେ ସମ୍ପୃକ୍ତ କୌଣସି ଶ୍ରମିକଙ୍କୁ ବିବାଦ ସହିତ ଜଡ଼ିତ କୌଣସି ମନ୍ଦ ଆଚରଣ ପାଇଁ ବରଖାସ୍ତ କିମ୍ବା ଅନ୍ୟଥା କରିପାରିବେ । "

ଯେଉଁ କର୍ତ୍ତୃପକ୍ଷଙ୍କ ନିକଟରେ ଏହି କାର୍ଯ୍ୟାନୁଷ୍ଠାନ ବିଚାରଧୀନ ଅଛି, ତାଙ୍କର ସ୍ୱଷ୍ଟ ଲିଖିତ ଅନୁମୋଦନ ବ୍ୟତୀତ ।

ତେଣୁ ଏହି ପ୍ରଶ୍ନ ନିଜକୁ " କୌଣସି ଆପୋଷ ମିଳାମିଶା କାର୍ଯ୍ୟାନୁଷ୍ଠାନର ବିଚାରାଧିନତା ଏକ ମିଳାମିଶା  ଅଧିକାରୀଙ୍କ ସମ୍ମୁଖରେ " ଶବ୍ଦର ଅର୍ଥରେ ସୀମିତ କରିଥାଏ ।

ଆବେଦନକାରୀଙ୍କ ତରଫରୁ ଉଠାଯାଇଥିବା ତର୍କ ହେଉଛି ଯେ ମିଳାମିଶାର ଉଦ୍ଦେଶ୍ୟ ହେଉଛି ଅଭିଯାନ ସହିତ ଏକ ସମାଧାନ କରିବା ଏବଂ ତେଣୁ ଧାରା 12 ଅନୁଯାୟୀ ଆପୋଷ ମିଳାମିଶାର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବାର 14 ଦିନ ମଧ୍ୟରେ କିମ୍ବା ଉପଯୁକ୍ତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସ୍ୱଳ୍ପ ସମୟ ମଧ୍ୟରେ ମିଳାମିଶା ଅଧିକାରୀ ନିଜର ରିପୋର୍ଟ ଦେବାକୁ ବାଧ୍ୟ ଥିଲେ । ଏଥିରୁ ଏହା ଉପସ୍ଥାପିତ ହୋଇଥିଲା ଯେ ଯେହେତୁ ମାର୍ଚ୍ଚ 18,1952 ପୂର୍ବରୁ 14 ଦିନ ସମାପ୍ତ ହୋଇସାରିଥିଲା, ତେଣୁ ବରଖାସ୍ତକୁ "ମିଳାମିଶା  କାର୍ଯ୍ୟାନୁଷ୍ଠାନର ବିଚାରଧୀନତା" ଶବ୍ଦ ମଧ୍ୟରେ ଗୋଟିଏ ବୋଲି କୁହାଯାଇପାରିବ ନାହିଁ । ଏହି ଅଧିନିୟମରେ ଧାରା 20 ଅନୁଯାୟୀ ଆପୋଷ ମିଳାମିଶା କାର୍ଯ୍ୟାନୁଷ୍ଠାନ  ଆରମ୍ଭ ଏବଂ ସମାପ୍ତି ପାଇଁ ବ୍ୟବସ୍ଥା ରହିଛି କିନ୍ତୁ ଧାରା 20 ର ପ୍ରଥମ ଉପଧାରା ଉପଯୋଗୀ ସେବା ସହିତ ଜଡିତ ଏବଂ ସେହି ବିଭାଗର ଉପଧାରା 2ରେ ଆପୋଷ

ମିଳାମିଶା କାର୍ଯ୍ୟାନୁଷ୍ଠାନ କେବେ ସମାପ୍ତି ହେବ ସେ ସମ୍ବନ୍ଧରେ ବ୍ୟବସ୍ଥା ରହିଛି । ସେହି ଉପବିଭାଗଟି ନିମ୍ନରେ ଦିଆଗଲା: -

ଧାରା 20 (1) " ..........................................................................................................

(2) ଏକ ମିଳାମିଶା କାର୍ଯ୍ୟାନୁଷ୍ଠାନ ସମାପ୍ତ ବୋଲି ବିବେଚନା କରାଯିବ -

(a) ଯେତେବେଳେ ବିବାଦର ପକ୍ଷମାନଙ୍କ ଦ୍ୱାରା ସମାଧାନର ଏକ ସ୍ମାରକପତ୍ର ସ୍ୱାକ୍ଷରିତ ହୁଏ, ସେତେବେଳେ କୌଣସି ସମାଧାନ ହୋଇଥାଏ;

(b) ଯେତେବେଳେ ଉପଯୁକ୍ତ ସରକାର ଦ୍ୱାରା ମିଳାମିଶା ଅଧିକାରୀଙ୍କ ରିପୋର୍ଟ ଗ୍ରହଣ କରାଯାଇଥାଏ କିମ୍ବା ଯେତେବେଳେ ବୋର୍ଡର ରିପୋର୍ଟ ଧାରା 17 ଅନୁଯାୟୀ ପ୍ରକାଶିତ ହୋଇଥାଏ, ଯେ କୌଣସି ପରିସ୍ଥିତି ଅନୁସାରେ, ସେହିଠାରେ କୌଣସି ସମାଧାନ ହୋଇନଥାଏ; କିମ୍ବା

(c) ଯେତେବେଳେ ମିଳାମିଶା କାର୍ଯ୍ୟାନୁଷ୍ଠାନ ବିଚାରଧୀନତା ସମୟରେ ଧାରା 10 ଅନୁଯାୟୀ କୌଣସି ନ୍ୟାୟାଳୟ, ଶ୍ରମ ନ୍ୟାୟାଳୟ, ନ୍ୟାୟାଧିକରଣ କିମ୍ବା ଜାତୀୟ ନ୍ୟାୟାଧିକାରଣକୁ ଏକ ବିଚାରର୍ଥେ ପ୍ରେରଣ କରାଯାଇଥାଏ ।

ଉପଧାରା 2 ର ବ୍ୟବସ୍ଥାଗୁଡ଼ିକ ସମସ୍ତ ମିଳାମିଶା କାର୍ଯ୍ୟାନୁଷ୍ଠାନକୁ ଲାଗୁ କରାଯାଇପାରିବ, ତାହା ଉପଯୋଗିତା ସେବା ସମ୍ବନ୍ଧରେ ହେଉ କିମ୍ବା ଅନ୍ୟଥା ହେଉ । ଏହି ଉପଧାରା ଅଧୀନରେ ସମସ୍ତ ଆପୋଷ ମିଳାମିଶା କାର୍ଯ୍ୟାନୁଷ୍ଠାନ, ଯେତେବେଳେ ଉପଯୁକ୍ତ ସରକାର ଦ୍ୱାରା ମିଳାମିଶା ଅଧିକାରୀଙ୍କ ବିବୃତି ଗ୍ରହଣ କରାଯାଏ, ସେତେବେଳେ କୌଣସି ସମାଧାନ ହୋଇନଥାଏ, ସେହି କ୍ଷେତ୍ରରେ ସମାପ୍ତ ହୋଇଛି ବୋଲି ବିବେଚନା କରାଯିବ । ତେଣୁ ଯେତେବେଳେ ଧାରା 12(6) ଅନୁଯାୟୀ ବିବୃତି ମିଳାମିଶା ଅଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଏ, ସେତେବେଳେ ଆପୋଷ ମିଳାମିଶା କାର୍ଯ୍ୟାନୁଷ୍ଠାନ ଶେଷ ହୁଏ ନାହିଁ, ବରଂ ଯେତେବେଳେ ସେହି ବିବୃତି ଉପଯୁକ୍ତ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଏ । ଅଧିନିୟମର ଧାରା 12(6) ଅନୁଯାୟୀ ମିଳାମିଶା ଅଧିକାରୀଙ୍କୁ ତାଙ୍କର ବିବୃତି ଦାଖଲ କରିବା ଆବଶ୍ୟକ ହେଲେ ମିଳାମିଶା କାର୍ଯ୍ୟାନୁଷ୍ଠାନ ସମାପ୍ତ ହେବା ଆବଶ୍ୟକ ବୋଲି ଯୁକ୍ତି କରାଯାଇଥିଲା, କିନ୍ତୁ ଉପରୋକ୍ତ ଅଧିନିୟମର ବ୍ୟବସ୍ଥାଗୁଡ଼ିକ ଏହି ଯୁକ୍ତିକୁ ସମର୍ଥନ କରେ ନାହିଁ, ଯେହେତୁ ଉପଯୁକ୍ତ ସରକାରଙ୍କ ଦ୍ୱାରା ବିବୃତି ଗ୍ରହଣ କରିବା ପରେ ମିଳାମିଶା କାର୍ଯ୍ୟାନୁଷ୍ଠାନ ସମାପ୍ତ ହେବ ବୋଲି ବିବେଚନା କରାଯାଏ । *କୋଇଲାଖଣି ଶିଳ୍ପର*

*ଶ୍ରମିକମାନେ, ଧାନବାଦ ବନାମ କୋଇଲାଖଣି*(1) ଶିଳ୍ପର ପରିଚାଳକରେ ଧାରା 20(2)(b)କୁ ଏହିପରି ବ୍ୟାଖ୍ୟା କରାଯାଇଥିଲା ।

ଏହା ପରେ ଯୁକ୍ତି କରାଯାଇଥିଲା ଯେ ଏହି ବ୍ୟାଖ୍ୟା ଉପରେ ଆପୋଷ ମିଳାମିଶା କାର୍ଯ୍ୟାନୁଷ୍ଠାନ ଅଧିନିୟମ ଦ୍ୱାରା ବିଚାର କରାଯାଇଥିବାଠାରୁ ବହୁତ ଅଧିକ ଦୀର୍ଘକାଳୀନ ହୋଇପାରେ ଏବଂ ଉପଯୁକ୍ତ ସରକାରଙ୍କ ଦ୍ୱାରା କେତେ ଶୀଘ୍ର ଏକ ବିବୃତି ଗ୍ରହଣ କରାଯାଏ ତାହା ଉପରେ ସମାପ୍ତି ନିର୍ଭର କରିବ । ଏହା ସତ୍ୟ ଯେ ଅଧିନିୟମର ଧାରା 12 (6), 14 ଦିନ ମଧ୍ୟରେ ମିଳାମିଶା ଅଧିକାରୀଙ୍କ ଦ୍ୱାରା ବିବୃତି ଦାଖଲ କରିବାକୁ ବିଚାର କରେ କିନ୍ତୁ ଏହା ଆପୋଷ ମିଳାମିଶା  କାର୍ଯ୍ୟାନୁଷ୍ଠାନର ବିଚାରଧୀନତାକୁ ପ୍ରଭାବିତ କରେ ନାହିଁ ଏବଂ ଯଦି କୌଣସି କାରଣରୁ ମିଳାମିଶା ଅଧିକାରୀ ତାଙ୍କ ବିବୃତି ଦାଖଲ କରିବାରେ ବିଳମ୍ବ କରନ୍ତି ତେବେ ତାଙ୍କ କାର୍ଯ୍ୟ ନିନ୍ଦନୀୟ ହୋଇପାରେ କିନ୍ତୁ ଏହା ଅଧିନିୟମର ଧାରା 20 (2) (b) ରେ ରଖାଯିବାକୁ ଥିବା ବ୍ୟାଖ୍ୟାକୁ ପ୍ରଭାବିତ କରିବ ନାହିଁ । ଧାରା 12ରେ ମିଳାମିଶା ଅଧିକାରୀଙ୍କ କର୍ତ୍ତବ୍ୟଗୁଡିକ ବିଷୟରେ ଉଲ୍ଲେଖ କରାଯାଇଛି । ସେ ପକ୍ଷମାନଙ୍କ ମଧ୍ୟରେ ସମାଧାନ ଆଣିବା ଆବଶ୍ୟକ ଏବଂ ବିଳମ୍ବ ନକରି ତାଙ୍କ ତଦନ୍ତ ଆରମ୍ଭ କରିବା ଆବଶ୍ୟକ ଏବଂ ଯଦି କୌଣସି ସମାଧାନ ହୋଇନଥାଏ, ତେବେ ସେ ଉପଯୁକ୍ତ ସରକାରଙ୍କୁ ତାଙ୍କର ବିବୃତି ଦାଖଲ କରିବେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଧାରା 12 ବିଚାର କରେ ଯେ ବିବୃତି ପ୍ରସ୍ତୁତ ହେବା ଉଚିତ ଏବଂ ଏକ ପନ୍ଦର ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ବନ୍ଦ ହେବା ଉଚିତ ଏବଂ ଯଦି କାର୍ଯ୍ୟାନୁଷ୍ଠାନ ବନ୍ଦ ହୋଇନଥାଏ, କିନ୍ତୁ କାର୍ଯ୍ୟକାରୀ ହୁଏ, ଯେପରି ବର୍ତ୍ତମାନର ମାମଲାରେ ଥିଲା, କିମ୍ବା ଯଦି ମିଳାମିଶା ଅଧିକାରୀ 14 ଦିନ ମଧ୍ୟରେ ତାଙ୍କ ବିବୃତି କରିନଥାନ୍ତି, ତେବେ ସେ କର୍ତ୍ତବ୍ୟ ଭଙ୍ଗ ପାଇଁ ଦୋଷୀ ହୋଇପାରନ୍ତି, କିନ୍ତୁ ଆଇନରେ କାର୍ଯ୍ୟାନୁଷ୍ଠାନ ସ୍ୱୟଂଚାଳିତ ଭାବରେ 14 ଦିନ ପରେ ସମାପ୍ତ ହୁଏ ନାହିଁ, କିନ୍ତୁ କେବଳ ଅଧିନିୟମର ଧାରା 20 (2) (b)ରେ ଦିଆଯାଇଥିବା ପରି ସମାପ୍ତ ହୁଏ । *କୋଇଲାଖଣି ମଜଦୁର କଂଗ୍ରେସ, ଆସାନସୋଲ ବନାମ ନୂଆ ବୀରଭୂମ କୋଇଲା କମ୍ପାନୀ ଲିମିଟେଡ* (2) । ଯେହେତୁ ଲୁଇସ୍ ପେରେରା ବରଖାସ୍ତ ହେବା ସମୟରେ ମିଳାମିଶା କାର୍ଯ୍ୟାନୁଷ୍ଠାନ  ବିଚାରାଧୀନ ଥିଲା, ଆବେଦନକାରୀମାନେ ଅଧିନିୟମର ଧାରା 31(1) ଧାରା 33 ଦ୍ୱାରା ଉଚିତ ଭାବେ ଦୋଷୀ ସାବ୍ୟସ୍ତ  ହୋଇଥିଲେ ।

ତେଣୁ ଏହି ଆବେଦନ ଖାରଜ ହୋଇଅଛି ।

---

(1) [1953] S.C.R. 428

(2) [1952] L.A.C. 219,222

1959
ଅନ୍ଧେରୀ ମାରୋଲ୍ କୁର୍ଲା ବସ୍ ସେବା ଏବଂ ଅନ୍ୟମାନେ
ବନାମ
ବମ୍ବେ ରାଜ୍ୟ
ନ୍ୟାୟମୂର୍ତ୍ତି କପୁର

*ଆବେଦନକୁ ଖାରଜ କରାଗଲା* ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।